# Akashvani, Sambalpur

## SAMBALPURI NEWS BULLETIN

### 24 July 2025- 6.47- 6.52 am.

*******************************************

ମହାନଦୀ ଜଲ୍ ବିବାଦ୍-ବୈଠକ୍          I&PR

ଛତିଶଗଡ଼ ସଙ୍ଗେ ଚାଲିଥିବା ମହାନଦୀ ଜଲ୍ ବିବାଦ୍‌ର ସମାଧାନ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍ ଉଚ୍ଚସ୍ତରୀୟ ବୈଠକ୍ କରିଛନ୍ । ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ହେଇଥିବା ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ର ସରକାରଙ୍କର ସହଯୋଗ୍‌ଥି ଦୁଇ ରାଜ୍ୟ ଭିତ୍‌ରେ ଆପୋଷ ଆଲୋଚନା ଜରିଏ ସମାଧାନ୍ ଉପ୍‌ରେ ଜୋର୍ ଦେଇଥିଲେ । ଇଥି କେନ୍ଦ୍ର ଜଲ୍ କମିଶନ୍ ବୈଷୟିକ୍ ସହଯୋଗ୍ ଦେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସୂଚ୍‌ନା ଅନ୍‌ସାରେ ଗଲା ଫେବୃୟାରୀ ମାସେ ରାଜସ୍ଥାନନ ହେଇଥିବା ସର୍ବଭାରତୀୟ ରାଜ୍ୟ ଜଲ୍ ସମ୍ପଦ ମନ୍ତ୍ରୀମାନ୍‌କର ସମ୍ମିନଲୀ ବେଲ୍‌କେ ଆଉ ମାର୍ଚ୍ଚ ମାସେ ଭୁବନେଶ୍ୱରଠାନେ ହେଇଥିବା ବିଶ୍ୱ ଜଲ୍ ଦିବସ ଅବ୍‌ସରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କର୍ ସଙ୍ଗେ ଶ୍ରୀ ମାଝୀ ମହାନଦୀ ବିଷେଥି ଆଲୋଚେନା କରିଛନ୍ ।

ରାଜ୍ୟପାଳ୍ଙ୍କର ନୂଆ ଶାସନ ସଚିବ I&PR

ରାଜ୍ୟପାଳଙ୍କର୍ ନୂଆ କମିଶନର୍ ଆଉ ଶାସନ ସଚିବ ଭାବେ ଭାରତୀୟ ପ୍ରଶାସନିକ ସେବାର୍ ବରିଷ୍ଠ ଅଧିକାରୀ ରୂପା ରୋଶନ ସାହୁ ଗଲାକାଏଲ୍ ଦାୟିତ୍ୱ ନେଇଛନ୍ । ଇତାର୍ ଆଗୋନୁ ଶ୍ରୀମତି ସାହୁ ଦକ୍ଷିଣାଂଚଲ୍ ରାଜସ୍ୱ କମିଶନର୍ ଭାବେ ଦାୟିତ୍ୱ ତୁଲଉଥିଲେ । ୨୦୦୬ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଶ୍ରୀମତୀ ସାହୁ ଭିନ୍ ଭିନ୍ ପଦ୍‌ପଦ୍‌ବୀ ଦାୟିତ୍ୱ ଦକ୍ଷତାର୍ ସହେତେ ସମ୍ପାଦନ୍ କରି ଆସିଛନ୍ ।

କୁଳପତି ନିଯୁକ୍ତି ରଦ୍ଦ କଟକ ସମ୍ବାଦଦାତା

ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଉତ୍କଳ ବିଶ୍ୱବିଦ୍ୟାଳୟର୍ ଭାରପ୍ରାପ୍ତ କୁଳପତି ନିଯୁକ୍ତିକେ ରଦ୍ଦ କରିଛନ୍ । ଆଗ୍‌କେ ନୂଆ କୁଳପତି ନିଯୁକ୍ତି ଲାଗି ନୂଆ ଅଧ୍ୟାଦେଶ୍ ଆସ୍‌ବା । ଇ ବାବ୍‌ଦେ ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଓଡ଼ିଶା ଉଚ୍ଚ ନ୍ୟାୟାଳୟକେ ଜନେଇଛନ୍ ।

ଓଡ଼ିଶା ଉଠାଜଲ୍‌ସେଚନ୍ ନିଗମ ବୈଠକ୍ I&PR

ଭୁବନେଶ୍ୱର ଲୋକ ସେବା ଭବନ୍ ଠାନେ ଗଲାକାଏଲ୍ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆଉ ଉନ୍ନୟନ କମିଶନର ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଓଡ଼ିଶା ଉଠା ଜଲ୍‌ସେଚନ୍ ନିଗମ୍‌ର ୨ଶହ ୯ ନମ୍ବର ନିର୍ଦ୍ଦେଶକ ମଣ୍ଡଲୀ ପରିଷଦ୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟ ୩୫ ପ୍ରତିଶତ୍‌ନୁ କମ୍ ଜଲ୍‌ସେଚନ୍ କ୍ଷମତା ଥିବା ବ୍ଲକ୍‌ନ ଜଲ୍‌ସେଚନ୍ କ୍ଷମତା ବଢ଼ାବାର୍‌କେ ନେଇକରି ପଦକ୍ଷେପ ନିଆଯିବାର୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ଇତାର୍‌ସହେତେ ରାଏଜେ ୯ ଲାଖ୍ ହେକ୍ଟର୍ ନୂଆ ଜଲ୍‌ସେଚନ୍ ସାମର୍ଥ୍ୟ ବନାବାର୍ ଲକ୍ଷ୍ୟଥି ଓଏଲ୍‌ଆଇସି  ତର୍‌ଫୁ ୫ ବଚ୍ଛରିଆ ମାଷ୍ଟର୍ ପ୍ଲାନ୍ ଉପସ୍ଥାପନ୍ କରାଯାଇଥିଲା । ସେନ୍ତା ୧୦ ହଜାର ୩ ଶହ ୮୦ଟା ଗୋଷ୍ଠୀ ଉଠାଜଲ୍‌ସେଚନ୍ ପ୍ରକଳ୍ପ ଆଉ ୧ ଲାକ୍ ୫୦ ହଜାର୍ ୫ ଶହ ଟା ଗଭୀର ନଲ୍‌କୂଆ ଖୁଲ୍‌ବାର୍ ଲାଗି ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବାକାଏଲ୍ ଭିତ୍‌ରେ ଦେଇପାର୍‌ବେ ।

ପଂଚାୟତିରାଜ୍ ମନ୍ତ୍ରୀ-ରାସ୍ତା ତିଆରି ହି.ସ.

ଗାଁମାନ୍‌କେ ରାସ୍ତା ବନାବାର୍ ଦିଗେ ଯୋଜ୍‌ନା ତିଆର୍ କର୍‌ବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ ପରାମର୍ଶ ଦିଆଯାଇଛେ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ଭିନ୍ ଭିନ୍ ବିଭାଗ୍ ଅଧିନ୍‌ଥି ଥିବା ରାସ୍ତାମାନ୍‌କୁ ଚିହ୍ନଟ୍ କରି କରି ୨ ମାସ୍ ଭିତ୍‌ରେ ଗାଁ ରାସ୍ତା ଲାଗି ପଦକ୍ଷେପ୍ ନେଦବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।......

(ଭଏସ୍ ଓଭର୍---- ମନ୍ତ୍ରୀ ରବି ନାରାୟଣ ନାଏକ)

ଚିତାଲାଗି ନୀତି ପୁରୀ ସମ୍ବାଦଦାତା

ଶରାବନ୍‌ର୍ ଉଆଁସ୍ ଥିତିଥି ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍‌କର ଚିତାଲାଗି ନୀତି ହେବା । ଇ ତିଥି ଅବ୍‌ସରେ ମାହାପୁରମାନ୍‌ଙ୍କୁ ରତ୍ନ ଚିତା ଲାଗି କରାଯିବା । ଇ ଖାସ୍ ନୀତି ଲାଗି ମଏଧାନର୍ ୨ ବଜେନୁ ସଞ୍ଜବେଲ୍‌ର ୬ ବଜେ ତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସମ୍ବଲପୁର ସହରର୍ ବିକାଶ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ସହରେ ଟ୍ରାଫିକ୍ ବ୍ୟବସ୍ଥାକେ ସୁଧ୍‌ରାବାର୍ ଲାଗି ପୂର୍ତ ବିଭାଗ୍ ତର୍‌ଫୁ ୭ଟା ନୂଆ ପ୍ରକଳ୍ପକେ ମଞ୍ଜୁର କରାଯାଇଛେ । ଇଥି ଦୁର୍ଗାପାଲିନୁ ନେଲ୍‌ସନ୍ ମଣ୍ଡେଲା ଛକ୍ ରାସ୍ତା ଖଣ୍ଡୁଆଲ୍‌ତକ୍ ସମ୍ପ୍ରସାରଣ କର୍‌ବାର ଲକ୍ଷ୍ୟ ରଖାଯାଇଛେ । ଇ ରାସ୍ତା ସମ୍ବଲପୁର-ସୁବର୍ଣ୍ଣପୁର ରାଜ୍ୟ ରାଜ୍‌ପଥ୍‌କେ ଜୁଡ଼୍‌ବା । ପାଖାପାଖି ଶହେ ୨୨ କୋଟି ଟଙ୍କା ଖର୍ଚ୍ଚାଥି ରିଂରୋଡ୍ ତିଆର୍ କରାଯିବା । ଇଥିର୍ ଲାଗି ଜମି ଅଧିଗ୍ରହଣ ପ୍ରକ୍ରିୟା ମୁଲ୍ ହେଇଥିବା ପୂର୍ତ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯ

ଝାରସୁଗୁଡ଼ା-ଭୁବନେଶ୍ୱର ବିମାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ମାସର୍ ୧୬ ତାରିଖ୍‌ନୁ ଝାରସୁଗୁଡ଼ା ଠାନୁ ଭୁବନେଶ୍ୱରକେ ବିମାନ୍ ସେବା ମୁଲ୍ ହେବା । ଘରୋଇେ ବିମାନ କମ୍ପାନି ଷ୍ଟାର୍ ଏୟାର୍ ତର୍ଫୁ ହପ୍ତାର୍ ସବୁଦିନ ଇ ବିମାନ୍ ଚଲାଚଲ୍ କର୍‌ବା ବଲି ଷ୍ଟାର୍ ଏହାର୍ ତର୍ଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ସାମୁଦ୍ରିକ ଝଡ଼ 'ୱିଫା'ର ପ୍ରଭାବ୍‌ଥି ଉତର୍ ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଳୟ ସକ୍ରିୟ ହେବାର୍‌ଥି ଲାଗିଛେ । ଇଥିର୍ ଲାଗି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟ ବଡ଼ଭାଗି ଜାଗାନ ଘଡ଼୍‌ଘଡ଼ି ସଙ୍ଗେ ବର୍ଷା ହେଇପାରେ । ଇ ସମିଆଥି ସୁନ୍ଦରଗଡ଼, ଦେବଗଡ଼ ସହେତେ ୧୯ଟା ଜିଲ୍ଲାନ ବିଜ୍‌ଲି ମାରିକରି ଜବର ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।